# ଶୀର୍ଷକ- ଉପକୂଳ ନମନୀୟତା ବୃଦ୍ଧି/ ଉପକୂଳ ସହନଶୀଳତା ସୁଦୃଢ଼ିକରଣ

**ଉପ-ଶୀର୍ଷକ- ବାର୍ଷିକାନ୍ତ ସଂସ୍କରଣ**




ISSUE 2 | ଜୁଲାଇ ୨୦୨୫ରୁ ଡିସେମ୍ବର ୨୦୨୫



## ୨୦୨୬ରେ ଉପକୂଳ ସୁରକ୍ଷା ଜଳବାୟୁ ପରିବର୍ତ୍ତନ ଏବଂ ସବୁଜ ତଟ ଦିଗରେ ନିରବଚ୍ଛିନ୍ନ ଭାବେ ଅଧିକରୁ ଅଧିକ ସଫଳତା ହାସଲ କରିବା ପାଇଁ ସମସ୍ତଙ୍କୁ ଶୁଭକାମନା ନୂଆବର୍ଷର ଅନେକ ଅନେକ ଶୁଭେଚ୍ଛା

## ଏହି ପରିପ୍ରେକ୍ଷୀରେ

ପୃଷ୍ଠା ୧-ସ୍ପଟଲାଇଟ୍ରେ ECRICC
ପୃଷ୍ଠା ୨-୩ ଜିଲ୍ଲା ଡାଏରୀ
ପୃଷ୍ଠା ୪- ସାରାଂଶ

## ସମ୍ପାଦକୀୟ ଦଳ

**ସମ୍ପାଦକ**
**ତଜୀନ କୁରେସି**
ଯୋଗାଯୋଗ ସହଯୋଗୀ, ECRICC, SPMU ଓଡ଼ିଶା (ୟୁଏନଡିପି)

**ସହ ସମ୍ପାଦକ**
**ସତ୍ୟରଞ୍ଜନ ଗିରି**
GIS ବିଶେଷଜ୍ଞ
ECRICC ଓଡ଼ିଶା



## ଅନ୍ତରାଷ୍ଟ୍ରୀୟ ତଟୀୟ ସଫେଇ ଦିବସ ପାଳନରେ ECRICCର ଗୁରୁତ୍ୱପୂର୍ଣ୍ଣ ଭୂମିକା/ ସକ୍ରିୟ ଅଂଶଗ୍ରହଣ

ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିବା 'ଅନ୍ତରାଷ୍ଟ୍ରୀୟ ସଫେଇ ଦିବସ' ଅବସରରେ ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ବା ECRICCର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ଏହାର ଅନ୍ୟତମ ପ୍ରମୁଖ ସଫଳତା ହେଉଛି, ଓଡ଼ିଶାର ପାରାଦୀପରେ ପ୍ରଥମ କଙ୍କଡ଼ା ଯାଆଁଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ କରିବା। ରାଜ୍ୟ ମତ୍ସ୍ୟ ବିଭାଗ, ରାଜୀବ ଗାନ୍ଧି ଜଳଜୀବ କେନ୍ଦ୍ର ବା RGCA ଏବଂ ECRICC ମଧ୍ୟରେ ହୋଇଥିଲା ତ୍ରିପାକ୍ଷିକ ଚୁକ୍ତି। ଏହି କେନ୍ଦ୍ରର ଲକ୍ଷ୍ୟ ହେଉଛି, ବର୍ଷକୁ ଦଶ ଲକ୍ଷ କଙ୍କଡ଼ା ଯାଆଁଳ ଉତ୍ପାଦନ କରିବା। ଏହାଦ୍ୱାରା ଚାଷୀଙ୍କୁ ସ୍ଥାୟୀ ଜୀବିକା ମିଳିବା ସହ ସେମାନଙ୍କ ଆର୍ଥିକ ସମୃଦ୍ଧି ହେବ।




ସେହିପରି ECRICC ଓଡ଼ିଶାକୁ ନେଇ ଏକ କଫି ଟେବୁଲ ବୁକ୍ଷଧ ଉନ୍ମୋଚିତ ହୋଇଥିଲା। ଏହାବ୍ୟତୀତ ନିଜ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆଣିବା ନେଇ ପ୍ରୟାସ କରୁଥିବା ଚାରି ଜଣ ମହିଳା କ୍ଲାଇମେଟ୍ଚାମ୍ପିଅନଙ୍କୁ ସମ୍ମାନିତ କରାଯାଇଥିଲା। କେବଳ ଏତିକି ନୁହେଁ, ECRICCର ସଫଳ ରୂପାୟନକୁ ନେଇ ଏକ ସାର୍ବଜନୀନ ଷ୍ଟଲ୍ପ୍ରଦର୍ଶନୀ କରାଯାଇଥିଲା । ଏହାଦ୍ୱାରା ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ଦିଗରେ ECRICCର ପ୍ରୟାସକୁ ପ୍ରତିଫଳିତ କରାଯାଇଥିଲା ।




## 'ଗେମ୍ଅଫ୍ଥ୍ରୋନ୍ସ' କଳାକାର ନିକୋଲାଜ କୋଷ୍ଟର ୱାଲଡୌଙ୍କ ଏକ ବୈଶ୍ୱିକ ବୃତ୍ତଚିତ୍ରରେ ECRICCର ପ୍ରତିଫଳନ

ୟୁଏନ୍ଡିପି ଗୁଡ୍ୱିଲ୍ଆମ୍ବାସାଡର ଏବଂ 'ଗେମ୍ଅଫ୍ଥ୍ରୋନ୍ସ' କଳାକାର ନିକୋଲାଜ କୋଷ୍ଟର ୱାଲଡୌଙ୍କ ଏକ ବୃତ୍ତଚିତ୍ରରେ **ECRICC**ର ପ୍ରୟାସକୁ ଦର୍ଶାଯାଇଛି । **'An Optimist's Guide to the Planet,'** ର ଦ୍ୱିତୀୟ ସିଜନରେ ଓଡ଼ିଶାର ଲୁଣା ଜଙ୍ଗଲକୁ ନେଇ **ECRICC** ର ଯୁଗାନ୍ତକାରୀ ପଦକ୍ଷେପ ବିଷୟରେ ଚିତ୍ରିତ କରାଯାଇଛି।



ଅକ୍ଟୋବର ମାସରେ ପ୍ରିମିୟର ହୋଇଥିବା ଏହି ଚଳଚ୍ଚିତ୍ରର ସୁଟିଂ କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିଲା। ନିକୋଲାଜ ନିଜେ ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଏହି ଚଳଚ୍ଚିତ୍ରରେ କେନ୍ଦ୍ରାପଡ଼ାରେ କୂଳ ଲଂଘୁଥିବା ସମୁଦ୍ର ଯୋଗୁ ପ୍ରଭାବିତ ହେଉଥିବା ଗାଁ ଗୁଡ଼ିକ ବିଷୟରେ ଉପସ୍ଥାପିତ କରାଯାଇଛି । ଏହି ଏପିସୋଡ୍ଦର୍ଶାଉଛି ଯେ, କିଭଳି ସମ୍ବେଦନଶୀଳ ଅଞ୍ଚଳରେ ମହିଳା ଓ ପୁରୁଷ ବିସ୍ଥାପନ ପରେ କେବଳ ବଞ୍ଚୁନାହାନ୍ତି, ବରଂ ତୃଣମୂଳସ୍ତରରେ ଜୈବ ବିବିଧତାର ସୁରକ୍ଷା ଦିଗରେ ସେମାନେ ବିଭିନ୍ନ କାର୍ଯ୍ୟ କରୁଛନ୍ତି।



# ଜିଲ୍ଲା ଡାଏରୀ

## ECRICC ପକ୍ଷରୁ ଗଞ୍ଜାମ ଓ ପୁରୀ ଜିଲ୍ଲାରେ ସାମୁଦ୍ରିକ ଶୈବାଳ ଚାଷ

ଓଡ଼ିଶାରେ ସଫଳ ଭାବେ ସାମୁଦ୍ରିକ ଶୈବାଳ ଚାଷର ଶୁଭାରମ୍ଭ କରିଛି ECRICC। ୨୦୨୫ ଡିସେମ୍ବର ମାସରେ ଗଞ୍ଜାମ ଜିଲ୍ଲାର ବହୁଦା ବ୍ଲକ୍ର ଲଙ୍ଗଳେଶ୍ୱର ଗାଁ ଏବଂ ପୁରୀ ଜିଲ୍ଲାର ଅର୍ଖକୁଦ ଓ ସିପକୁଦ ଗାଁରେ କରାଯାଇଛି ସାମୁଦ୍ରିକ ଶୈବାଳ ଚାଷ । ବ୍ରହ୍ମକମଳ ରିସର୍ଚ୍ଚ ଏଲ୍ଏଲ୍ପି ଦ୍ୱାରା ଗଞ୍ଜାମର ୧୭ ଓ ପୁରୀର ୫୦ ଜଣ ଚାଷୀଙ୍କୁ ଉତ୍ତମ ତାଲିମ ଦିଆଯାଇଛି।



ଚାରା ରୋପଣ, ଶୈବାଳ ପରିଚାଳନା ଏବଂ ସଠିକ୍ ଚାଷ ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ତାଲିମ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ECRICC ଦୁଇଟି ଜିଲ୍ଲାରେ ୭୦ ଜଣ ଚାଷୀଙ୍କୁ ସଫଳ କରାଇବା ପାଇଁ ପ୍ରୟାସ କରିଛି। ECRICCର ଏହି ପଦକ୍ଷେପ ଅନୁକୂଳ ଜଳବାୟୁ ସାଙ୍ଗକୁ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ଦିଗରେ ବେଶ୍ସହାୟକ ହେଉଛି।




## ପୁରୀରେ ରୋଜାଲିନ ବେହେରାଙ୍କ ଜଳବାୟୁ ସହନଶୀଳତା ଗଢ଼ିବାର ସଂଘର୍ଷ

ପୁରୀ ଜିଲ୍ଲାର ଉପକୂଳବର୍ତ୍ତୀ ଗାଁ ସିଲାରୀର ଝିଅ ରୋଜାଲିନ ବେହେରା । ବିଜ୍ଞାନରେ ସ୍ନାତକ କରିଥିବା ରୋଜାଲିନ ECRICC ପ୍ରକଳ୍ପ ଅଧୀନରେ କ୍ଲାଇମେଟ୍ଚାମ୍ପିଅନ ଅଛନ୍ତି ।



ରୋଜାଲିନ ବେହେରା

ବିଜ୍ଞାନରେ ସ୍ନାତକ କରିଥିବା ରୋଜାଲିନ ECRICC ପ୍ରକଳ୍ପ ଅଧୀନରେ କ୍ଲାଇମେଟ୍ଚାମ୍ପିଅନ ଅଛନ୍ତି । ୨୦୨୩ ଫେବ୍ରୁଆରୀରେ ଏହି ପ୍ରକଳ୍ପ ସହ ଜଡ଼ିତ ହେବା ପରେ ସେ ଜଳବାୟୁ ପରିବର୍ତ୍ତନ ଦିଗରେ ଅନେକ କାର୍ଯ୍ୟ କରୁଛନ୍ତି। 'ଶ୍ରୀ' ଉପରେ ସେ ନେଇଛନ୍ତି ଉପଯୁକ୍ତ ତାଲିମ । ପାଞ୍ଚଟି ଗାଁରେ ସେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଂଗଠିତ କରିଛନ୍ତି। ତାହାର ପ୍ରତ୍ୟକ୍ଷ ପ୍ରଭାବ ଅନେକ କ୍ଷେତ୍ରରେ ପରିଲକ୍ଷିତ ହେଉଛି। କୃଷି କ୍ଷେତ୍ରରେ ୨୫୦ ଜଣ ଚାଷୀଙ୍କୁ ସେ ସୋଏଲ୍ହେଲ୍ଥ କାର୍ଡ ପ୍ରାପ୍ତ କରିବାରେ ସହାୟତା କରିଛନ୍ତି। ସେହିପରି ୧୩୬ ଜଣ ଚାଷୀଙ୍କୁ ମରୁଡ଼ିର ମୁକାବିଲା କରିପାରୁଥିବା ବିହନ ଉପଲବ୍ଧ କରାଇଛନ୍ତି। କେବଳ ଏତିକି ନୁହେଁ, ୧୬ଟି ପରିବାରକୁ ପିଏମ୍କିଷାନ ଯୋଜନା ସହ ଯୋଡ଼ିବାରେ ସହାୟତା କରିଛନ୍ତି। କୃଷି ଉଦ୍ୟାନ ଜରିଆରେ ସେ ପାନ ଚାଷରେ ସହାୟତା କରିଛନ୍ତି । ଏହାବ୍ୟତୀତ ୯୦ଟି ପରିବାରକୁ ନଡ଼ିଆ ଚାରା ପ୍ରଦାନ କରିଛନ୍ତି। ୪୦୦ ପଶୁଙ୍କ ପାଇଁ ଟିକାକରଣ ଓ ବୀମାର ବ୍ୟବସ୍ଥା କରିଛନ୍ତି ରୋଜାଲିନ। ସ୍କୁଲ ଓ ନିଜ ସମୁଦାୟରେ ଜଳବାୟୁ ସଚେତନତା ଅଭିଯାନ ମଧ୍ୟ ଚଳାଇଛନ୍ତି ରୋଜାଲିନ। ଏସବୁ ବ୍ୟତୀତ ବୃକ୍ଷରୋପଣ ଓ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି।



# ଜିଲ୍ଲା ଡାଏରୀ

## ରଙ୍ଗୀନ ମାଛ ଚାଷ ଯୋଗୁ ବାଲେଶ୍ୱରର ତଟୀୟ ଆୟ ବୃଦ୍ଧି

ବାଲେଶ୍ୱର ଜିଲ୍ଲାରେ ଛୋଟ ଛୋଟ ପୋଖରୀ କରି ରଙ୍ଗୀନ ମାଛ ଚାଷ କରାଯାଉଛି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ଏହା ରୋଜଗାରକ୍ଷମ କରିବାରେ ସହାୟକ ହେଉଛି। ECRICC ପ୍ରକଳ୍ପ ଅଧୀନରେ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ୭୫ ଜଣ ମହିଳାଙ୍କ ସମେତ ୭୮ ସାମୁଦାୟିକ ସଦସ୍ୟ ମତ୍ସ୍ୟ ପାଳନ ମାଧ୍ୟମରେ ଆର୍ଥିକ ରୂପେ ମଜଭୁତ ହେଉଛନ୍ତି।



ଏହା ହବ୍‌ଆଣ୍ଡ- ସ୍ପୋକ୍‌ମଡେଲକୁ ଅନୁସରଣ କରିଥାଏ, ଯେଉଁଥିରେ କ୍ଷୁଦ୍ର ଘରୋଇ ପ୍ରଜନନ ପାଇଁ ବୈଷୟିକ ସହାୟତା ଏବଂ ବିପଣନ ପାଇଁ ଅନେକ ସୁବିଧା ଯୋଗାଇ ଦିଆଯାଇଥାଏ। ୨୦୨୫ ଅଗଷ୍ଟରେ ମତ୍ସ୍ୟପାଳନ ଆରମ୍ଭ ହେବା ପରେ ପ୍ରତିଯୋଗୀମାନେ ୧୪ ହଜାର ୫୦୦ରୁ ଅଧିକ ମାଛର ପ୍ରଜନନ କରିଛନ୍ତି। ସେହିପରି ଏକ ହଜାରରୁ ଅଧିକ ରଙ୍ଗୀନ ମାଛ ବିକ୍ରି କରିଛନ୍ତି। ଏହାବ୍ୟତୀତ ଲାଭାର୍ଥୀମାନେ ଜୁପ୍ଲାଙ୍କ୍‌ଟନ୍‌ଓ ଜିଆ ପାଳନ ଆଦିରୁ ମଧ୍ୟ ଆର୍ଥିକ ସ୍ୱଚ୍ଛଳ ହେଉଛନ୍ତି।



## ECRICCର ଜଳବାୟୁ ଉଦ୍ୟମ ଉପରେ ଯୁବ ସାମ୍ବାଦିକଙ୍କ ଅଭିମୁଖୀକରଣ

ଭାରତୀୟ ଜନସଞ୍ଚାର ସଂସ୍ଥା ବା ଆଇଆଇଏମ୍ସି ଢେଙ୍କାନାଳର ଛାତ୍ରଛାତ୍ରୀ ECRICC ଦ୍ୱାରା କେନ୍ଦ୍ରାପଡ଼ାରେ ଆୟୋଜିତ ଏକ କର୍ମଶାଳାରେ ଭାଗ ନେଇଥିଲେ । ଦୁଇ ଦିବସୀୟ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଜଳବାୟୁ ପରିବର୍ତ୍ତନ ଏବଂ ତଟୀୟ ସୁରକ୍ଷା ସମ୍ପର୍କିତ ଅନେକ ଅଭିଜ୍ଞତା ହାସଲ କରିଥିଲେ।



ସେମାନେ ମହିଳା କ୍ଲାଇମେଟ୍‌ଚାମ୍ପିଅନଙ୍କ ସହ ଆଲୋଚନା କରିବା ସହ କିଭଳି ECRICCର ଜଳବାୟୁ ସମ୍ପର୍କିତ ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶ କରିଛି, ସେ ବିଷୟରେ ଜ୍ଞାନ ଅର୍ଜନ କରିଥିଲେ। ପିଲାମାନେ ଭିତରକନିକାସ୍ଥିତ ମେଟା ନର୍ସରୀ ମଧ୍ୟ ପରିଦର୍ଶନ କରିଥିଲେ। ଏହାସହ ବୋଟ୍ରେ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ କୁମ୍ଭୀର ପ୍ରଜନନ କେନ୍ଦ୍ର ମଧ୍ୟ ବୁଲି ଦେଖିଲେ।



# ROUND-UP



୨୦୨୨ ବ୍ୟାଚ୍ର ଓଡ଼ିଶା ପ୍ରାଶାସନିକ ସେବା ଅଧିକାରୀ ପୁରୀ ଓ କେନ୍ଦ୍ରାପଡ଼ାସ୍ଥିତ ECRICC ପ୍ରକଳ୍ପ ପରିଦର୍ଶନ କରିଛନ୍ତି।


ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ରର ECRICC ଟିମ୍ଦ୍ୱାରା ଭୁବନେଶ୍ୱରରେ ଜାତୀୟ କର୍ମଶାଳା ଆୟୋଜିତ।



ହାଇଦ୍ରାବାଦରେ ଅନୁଷ୍ଠିତ ବିଶ୍ୱ ଏକ୍ୱାକଲ୍ଚର୍୨୦୨୫ରେ ଭାଗ ନେଇଥିଲା ECRICC ଓଡ଼ିଶା, ଏହି ଅବସରରେ MPEDA ଅଧିବେଶନରେ କାଦୁଅ କଙ୍କଡ଼ା ଚାଷ ପ୍ରଦର୍ଶନୀ କରିଥିଲା ଓଡ଼ିଶା।


ଆରଜିସିଏରେ କଙ୍କଡା ଯାଆଁଳ ଓ ଉତ୍ପାଦନ ବିଷୟରେ ଜାଣିବା ପାଇଁ ପରିଦର୍ଶନ କରିଥିଲା ଓଡ଼ିଶା ଟିମ୍।


ECRICC ପ୍ରକଳ୍ପ ଅଧୀନରେ ଚାଷୀ ଓ କର୍ମଚାରୀଙ୍କ ପାଇଁ 'ପ୍ରଜନନ ଓ ରଙ୍ଗୀନ ମାଛ ଚାଷ' ସମ୍ପର୍କିତ ବୈଷୟିକ ତାଲିମ କାର୍ଯ୍ୟକ୍ରମର ଆୟୋଜନ ।



ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ପରିଚାଳିତ କୋଷ୍ଟାଲ ଇକୋଲୋଜି ମ୍ୟାନେଜମେଣ୍ଟ ଆଣ୍ଡ ମନିଟରିଂ ବିଷୟରେ ୧୨୦ ଜଣ ମାଷ୍ଟରଙ୍କୁ ତାଲିମ।


ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓଡ଼ିଶାର ମହିଳା ସାମ୍ବାଦିକାଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ସାମ୍ବାଦିକମାନଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ କର୍ମଶାଳା ଆୟୋଜନ କରାଯାଇଥିଲା, ତଟୀୟ ସୁରକ୍ଷା ଦିଗରେ ECRICC ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବିଷୟରେ ସାମ୍ବାଦିକମାନଙ୍କୁ ଅବଗତ କରାଯାଇଥିଲା।


ଉପକୂଳ ଜୈବ ବିବିଧତାର ତଦାରଖ କରିବା ପାଇଁ ଏକ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ଆଇଆଇଟି ଭୁବନେଶ୍ୱର, ଏଥିରେ ରିମୋଟ୍ସେନ୍ସିଂ ଓ ଡ୍ରୋନ୍ଟେକ୍ନୋଲୋଜି ବିଷୟରେ ତାଲିମ ଦିଆଯାଇଥିଲା ।



ଓଡ଼ିଶା ପରିବେଶ କଂଗ୍ରେସଠାରେ ECRICC କ୍ଲାଇମେଟ ଚାମ୍ପିଅନମାନଙ୍କୁ ସମ୍ମାନିତ ।

State Project Management Unit
**GoI-GCF-GoO-UNDP Project**
*Enhancing Climate Resilience of India'a Coastal Communities*

Administrative Building, 1st Floor, RPRC Campus
Bhubaneswar-751015 | ecricc.spmu@odisha.gov.in

www.ecricc.org

© 2025 ECRICC Odisha. All rights reserved.